# NATIONAL NEWS BULLETIN (ODIA)

## 10th October - 2024

## Evening Bulletin : 7.15 p.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ମଳୟ ରଞ୍ଜନ ମିଶ୍ର**

## ମୁଖ୍ୟ ସମ୍ବାଦ

- ଭାରତର ଆକ୍ଟ-ଇଷ୍ଟ ନୀତି ଆସିଆନ୍ ସଦସ୍ୟ ରାଷ୍ଟ୍ରଗୁଡ଼ିକ ସହ ସମ୍ପର୍କକୁ ଅଧିକ ଗତିଶୀଳ କରିଛି; କହିଲେ ପ୍ରଧାନମନ୍ତ୍ରୀ ।
- ଜମ୍ମୁ-କାଶ୍ମୀରର ମୁଖ୍ୟମନ୍ତ୍ରୀ ପଦପାଇଁ ନ୍ୟାସନାଲ୍ କନ୍‌ଫରେନ୍ସର ବିଧାୟକ ଦଳ ବୈଠକରେ ସର୍ବସମ୍ମତିକ୍ରମେ ମନୋନୀତ ହେଲେ ଓମାର ଅବଦୁଲ୍ଲା ।
- ବିଶିଷ୍ଟ ଶିଳ୍ପପତି ପଦ୍ମବିଭୂଷଣ ରତନ ଟାଟାଙ୍କର ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ ସମ୍ପନ୍ନ ।
- ସାମୁଦ୍ରିକ ଝଡ଼ ମିଲ୍‌ଟନ୍ ଗତରାତିରେ ସ୍ପର୍ଶ କଲା ଫ୍ଲୋରିଡାର ପଶ୍ଚିମ ଉପକୂଳ ।

ଏବଂ

- ଅତ୍ୟନ୍ତ ନିଷ୍ଠା ଓ ପାରମ୍ପରିକ ରୀତିନୀତି ସହ ଓଡ଼ିଶାରେ ପାଳନ କରାଯାଉଛି ଶାରଦୀୟ ଦୁର୍ଗୋତ୍ସବ ।

## ପି.ଏମ୍. - ଲାଓସ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଭାରତର ଆକ୍ଟ-ଇଷ୍ଟ ନୀତି ଆସିଆନ୍ ରାଷ୍ଟ୍ରଗୁଡ଼ିକ ସହ ସମ୍ପର୍କକୁ ଅଧିକ ଗତିଶୀଳ କରିଛି । ଏକବିଂଶ ଶତାବ୍ଦୀ ଭାରତ ଓ ଆସିଆନ୍ ଦେଶଗୁଡ଼ିକର ଶତାବ୍ଦୀ ବୋଲି ସେ ଗୁରୁତ୍ୱ ଦେଇଛନ୍ତି । ଲାଓ ପି.ଡି.ଆର୍.ର ଭିଏଣ୍ଟିଆନ୍‌ଠାରେ ଆୟୋଜିତ ଭାରତ-ଆସିଆନ୍ ଶିଖର ସମ୍ମିଳନୀରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ଏହା କହିଛନ୍ତି । ସେ କହିଛନ୍ତି, ଭାରତ ଓ ଆସିଆନ୍ ରାଷ୍ଟ୍ରସମୂହ ଶାନ୍ତିପ୍ରିୟ ଏବଂ ସେମାନେ ପରସ୍ପରର ଆଖଣ୍ଡତା ଓ ସାର୍ବଭୌମତ୍ୱକୁ ସମ୍ମାନ ଦିଅନ୍ତି । ସାମ୍ପ୍ରତିକ ଅନ୍ତର୍ଜାତୀୟ ପରିସ୍ଥିତି ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ଭାରତ ଏବଂ ଆସିଆନ୍ ସଦସ୍ୟ ରାଷ୍ଟ୍ର ମଧ୍ୟରେ ବନ୍ଧୁତା, ସହଯୋଗ ଏବଂ ଭାଗିଦାରୀ ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି । ଆସିଆନ୍ ସଦସ୍ୟ ରାଷ୍ଟ୍ରଗୁଡ଼ିକ ସହ ଗତ ୧୦ ବର୍ଷ ମଧ୍ୟରେ ବାଣିଜ୍ୟ କାରବାର ଦୁଇଗୁଣ ବୃଦ୍ଧିପାଇଁ ୧୩ ହଜାର କୋଟି ଡଲାରରେ ପହଞ୍ଚିଛି । ଆସିଆନ୍ ସଦସ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ୭ଟି ଦେଶ ସହ ଭାରତର ସିଧାସଳଖ ବିମାନସେବା ରହିଛି । ବ୍ରୁନେଇ ସହ ଖୁବ୍ ଶୀଘ୍ର ସିଧାସଳଖ ବିମାନ ସେବା ଆରମ୍ଭ ହେବ । ତିମୋର-ଲିସ୍ତେ'ରେ

ଭାରତ ନୂତନ ଦୂତାବାସ ଖୋଲିଛି ଏବଂ ସିଙ୍ଗାପୁର ସହ ଫିନ୍‌ଟେକ୍ ସଂଯୋଗ ମଧ୍ୟ ସ୍ଥାପନ କରିଛି । ଆସିଆନ୍ ସଦସ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ସିଙ୍ଗାପୁରୁ ହେଉଛି ପ୍ରଥମ ଦେଶ, ଯାହା ସହ ଭାରତ ଫିନ୍‌ଟେକ୍ ଯୋଗାଯୋଗ ଆରମ୍ଭ କରିଛି ।

ଲାଓ ପି.ଡି.ଆର୍.ର ଭିଏଣ୍ଟିଆନାଠାରେ ଆଜି ଅପରାହ୍ଣରେ ପ୍ରଧାନମନ୍ତ୍ରୀ ପହଞ୍ଚିବା ପରେ ସେଠାକାର ଗୃହମନ୍ତ୍ରୀ ଭିଲେଭୋଙ୍ଗ ବୌଦ୍ଧଖମ୍ ତାଙ୍କୁ ସ୍ୱାଗତ କରିଥିଲେ । ଲୁଆଙ୍ଗ ପ୍ରବାଙ୍ଗର ସମ୍ମାନଜନକ ରୟାଲ୍ ଥିଏଟର୍‌ଦ୍ୱାରା ପରିବେଶିତ ଲାଓ ରାମାୟଣ-ଫାଲାକ୍ ଫାଲମ୍ ପ୍ରଧାନମନ୍ତ୍ରୀ ଦେଖିଥିଲେ । ଏହା ହେଉଛି ପ୍ରାଚୀନ ମହାକାବ୍ୟ ରାମାୟଣର ଲାଓ ରୂପାନ୍ତର । ଲାଓ ପି.ଡି.ଆର୍.ର କେନ୍ଦ୍ରୀୟ ବୌଦ୍ଧ ଫେଲୋସିପ୍ ସଙ୍ଗଠନର ସଦସ୍ୟଙ୍କଦ୍ୱାରା ଆୟୋଜିତ ଏକ ଆଶୀର୍ବାଦ ସମାରୋହରେ ପ୍ରଧାନମନ୍ତ୍ରୀ ଯୋଗ ଦେଇଥିଲେ । ଏହି ଦୁଇଦିନିଆ ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ଆସିଆନ୍ ସଦସ୍ୟ ରାଷ୍ଟ୍ରଗୁଡ଼ିକ ସହ ଦ୍ୱିପାକ୍ଷିକ ସମ୍ପର୍କରେ ଆଲୋଚନା କରିବେ । ଭିଏଣ୍ଟିଆନ୍‌ରେ ହେବାକୁ ଥିବା ୧୯ତମ ପୂର୍ବ ଏସୀୟ ଶିଖର ସମ୍ମିଳନୀରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

# ଜେ.କେ. - ପଲିଟିକାଲ୍ ଡେଭ୍‌ଲପ୍‌ମେଣ୍ଟ

ନ୍ୟାସନାଲ୍ କନ୍‌ଫରେନ୍ସର ଉପାଧ୍ୟକ୍ଷ ଓମାର ଅବଦୁଲ୍ଲା ଜମ୍ମୁ-କାଶ୍ମୀରର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହେବେ । ବିଧାୟକ ଦଳ ନେତା ଭାବେ ଆଜି ସର୍ବସମ୍ମତିକ୍ରମେ ତାଙ୍କୁ ମନୋନୀତ କରାଯାଇଛି । ଚଳିତ ବିଧାନସଭା ନିର୍ବାଚନରେ ନ୍ୟାସନାଲ୍ କନ୍‌ଫରେନ୍ସର ୪୨ ଜଣ ପ୍ରାର୍ଥୀ ନିର୍ବାଚିତ ହୋଇଛନ୍ତି । ବିଧାୟକ ଦଳ ବୈଠକ ପୂର୍ବରୁ ନ୍ୟାସନାଲ୍ କନ୍‌ଫରେନ୍ସ ଶ୍ରୀନଗରଠାରେ ମେଣ୍ଟର ସହଯୋଗୀ ଦଳ କଂଗ୍ରେସ ଏବଂ ସି.ପି.ଆଇ.ଏମ୍. ସହ ଆଲୋଚନା କରିଥିଲା । ବିଧାୟକ ଦଳ ବୈଠକରେ ୪ ଜଣ ବିଜୟୀ ସ୍ୱାଧୀନ ପ୍ରାର୍ଥୀ ଯୋଗ ଦେଇଥିଲେ । ଗଣମାଧ୍ୟମକୁ ସମ୍ବୋଧନ କରି ଶ୍ରୀ ଅବଦୁଲ୍ଲା କହିଛନ୍ତି, କଂଗ୍ରେସ ଦଳର ଆନୁଷ୍ଠାନିକ ସମର୍ଥନ ପତ୍ର ମିଳିବା ପରେ ନ୍ୟାସନାଲ୍ କନ୍‌ଫରେନ୍ସ ସରକାର ଗଠନ ନେଇ ଉପରାଜ୍ୟପାଳ ମନୋଜ ସିଂହ୍ନାଙ୍କୁ ଭେଟିବ । ଜମ୍ମୁ-କାଶ୍ମୀରର ମୁଖ୍ୟ ନିର୍ବାଚନ ଅଧିକାରୀ ପାଣ୍ଡୁରଙ୍ଗ କେ. ପୋଲେ ଆଜି ଉପରାଜ୍ୟପାଳଙ୍କୁ ସାକ୍ଷାତ୍ କରି ନବନିର୍ବାଚିତ ସଦସ୍ୟଙ୍କ ତାଲିକା ପ୍ରଦାନ କରିଛନ୍ତି ।

## ଗଭ୍ - ଟ୍ୟାକ୍ସ ଡିଭୋଲ୍ୟୁସନ୍

କେନ୍ଦ୍ର ସରକାର ଆଜି ରାଜ୍ୟଗୁଡ଼ିକୁ ଏକ ଲକ୍ଷ ୭୮ ହଜାର କୋଟି ଟଙ୍କାର ଟିକସ ଆବଣ୍ଟନ କରିଛନ୍ତି । ଅର୍ଥ ମନ୍ତ୍ରଣାଳୟ ଅନୁଯାୟୀ, ପାର୍ବଣ ଋତୁକୁ ଦୃଷ୍ଟିରେ ରଖି ପୁଞ୍ଜି ଖର୍ଚ୍ଚକୁ ତ୍ୱରାନ୍ୱିତ କରିବା ଏବଂ କଲ୍ୟାଣକାରୀ ଯୋଜନା ସଂକ୍ରାନ୍ତ ଖର୍ଚ୍ଚପାଇଁ ରାଜ୍ୟଗୁଡ଼ିକୁ ଅଗ୍ରୀମ କିସ୍ତି ଭାବରେ ଏହି ଅର୍ଥ ପ୍ରଦାନ କରାଯାଇଛି । ଉତ୍ତର ପ୍ରଦେଶକୁ ସର୍ବାଧିକ ୩୧ ହଜାର ୯୬୨ କୋଟି ଟଙ୍କା ଦିଆଯାଇଛି ।

## ରତନ ଟାଟା - ଶେଷକୃତ୍ୟ

ବିଶିଷ୍ଟ ଶିଳ୍ପପତି ତଥା ସମାଜସେବୀ ପଦ୍ମବିଭୂଷଣ ରତନ ଟାଟାଙ୍କର ମୁମ୍ବଇସ୍ଥିତ ୱର୍ଲିଠାରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ ହୋଇଛି । ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷକୃତ୍ୟରେ ଉପସ୍ଥିତ ଥିଲେ । ଅନ୍ତିମ ଦର୍ଶନ ପାଇଁ ମୁମ୍ବାଇର ରାଷ୍ଟ୍ରୀୟ ପ୍ରଦର୍ଶନୀ କଳାକେନ୍ଦ୍ରଠାରେ ସ୍ୱର୍ଗତ ଟାଟାଙ୍କ ପାର୍ଥିବ ଶରୀରକୁ ରଖାଯାଇଥିଲା । ତାଙ୍କର ଶେଷଦର୍ଶନ ପାଇଁ ସେଠାରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା । ସୂଚନାଯୋଗ୍ୟ, ମୁମ୍ବାଇର ଏକ ଘରୋଇ

ହସ୍ପିଟାଲ୍‌ରେ ଚିକିତ୍ସାଧୀନ ଅବସ୍ଥାରେ ଗତକାଲି ରତନ୍ ଟାଟାଙ୍କର ୮୬ ବର୍ଷ ବୟସରେ ପରୋଲୋକ ହୋଇଥିଲା ।

## ଟେକ୍ସଟାଇଲ୍ ସେକ୍ଟର - ଗ୍ରୋଥ୍

୨୦୩୦ ସୁଦ୍ଧା ଭାରତର ବୟନ ଶିଳ୍ପ କ୍ଷେତ୍ରରେ ବ୍ୟବସାୟ ୩୫ ହଜାର କୋଟି ଡଲାରକୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି । ଗତ ଅଗଷ୍ଟ ମାସର ବାଣିଜ୍ୟ ତଥ୍ୟ ଅନୁଯାୟୀ ପ୍ରସ୍ତୁତ ପୋଷାକ କ୍ଷେତ୍ରରେ ବାର୍ଷିକ ୧୧ ପ୍ରତିଶତ ବୃଦ୍ଧି ଘଟିଛି । ବୟନ ଶିଳ୍ପ ମନ୍ତ୍ରଣାଳୟ କହିଛି, ଅନେକ କେନ୍ଦ୍ରୀୟ ଯୋଜନା ଏବଂ ନୀତିଗତ ପଦକ୍ଷେପକୁ ଆଧାର କରି ଏହି ସଫଳତା ହାସଲ ପାଇଁ ଲକ୍ଷ୍ୟ ରଖାଯାଇଛି । ଆସନ୍ତା ୩ରୁ ୫ ବର୍ଷ ମଧ୍ୟରେ ପି.ଏମ୍. ମିତ୍ର ଏବଂ ପି.ଏଲ୍.ଆଇ. ଯୋଜନା ମାଧ୍ୟମରେ ୯୦ ହଜାର କୋଟିରୁ ଅଧିକ ପୁଞ୍ଜିନିବେଶର ଆଶା ରଖାଯାଇଛି । ଜାତୀୟ ବୈଷୟିକ ବୟନ ଶିଳ୍ପ ମିଶନ ଯୋଜନା ଭାରତକୁ ବିଶ୍ୱରେ ଏକ ଅଗ୍ରଣୀ ସ୍ଥାନକୁ ଉନ୍ନୀତ କରିବ ବୋଲି ମନ୍ତ୍ରଣାଳୟ କହିଛି ।

## ହରିକେନ୍ - ମିଲ୍‌ଟନ୍

ଫ୍ଲୋରିଡାର ପଶ୍ଚିମ ଉପକୂଳରେ ଗତ ରାତିରେ ସାମୁଦ୍ରିକ ଝଡ଼ ମିଲ୍‌ଟନ୍ ସ୍ଥଳଭାଗ ସ୍ପର୍ଶ କରିଛି । ତୃତୀୟ ପର୍ଯ୍ୟାୟଭୁକ୍ତ ଏହି ବାତ୍ୟା ଯୋଗୁଁ ଆମେରିକାରେ ୩୦ ଲକ୍ଷରୁ ଅଧିକ ବାସଗୃହ ଏବଂ ବ୍ୟାବସାୟ ପ୍ରତିଷ୍ଠାନକୁ ବିଦ୍ୟୁତ ସରବରାହ ବ୍ୟାହତ ହୋଇଛି । ଫ୍ଲୋରିଡ଼ାରୁ ବାତ୍ୟା ମିଲ୍‌ଟନ୍ ପୂର୍ବ ଉପକୂଳ ଆଡ଼କୁ ଗତି କରିଛି । ପୂର୍ବ-କେନ୍ଦ୍ରୀୟ ଫ୍ଲୋରିଡାରେ ବାତ୍ୟାର ପ୍ରଭାବ ଅନୁଭୂତ ହେଉଛି ବୋଲି ଆମେରିକାର ନ୍ୟାସନାଲ୍ ହରିକେନ୍ ସେଣ୍ଟର ସୂଚନା ଦେଇଛି । ହାର୍ଡ଼ି କାଉଣ୍ଟି'ର ୯୭ ପ୍ରତିଶତରୁ ଅଧିକ ବାସଗୃହକୁ ବିଦ୍ୟୁତ ସରବରାହ ବିଚ୍ଛିନ୍ନ ହୋଇଥିବାବେଳେ ହିଲ୍ସବରୋ, ମାନାଟି ଏବଂ ସାରସୋତା ବିଶେଷ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି । ବାତ୍ୟା ମିଲ୍‌ଟନ୍ କ୍ରମଶଃ ଦୁର୍ବଳ ହୋଇଛି । ବାତ୍ୟା ହେଲେନ୍ ଦକ୍ଷିଣ-ପୂର୍ବ ଆମେରିକାରେ ବ୍ୟାପକ କ୍ଷୟକ୍ଷତି କରିବାର ଦୁଇ ସପ୍ତାହ ପରେ ମିଲ୍‌ଟନ୍ ଫ୍ଲୋରିଡା ସ୍ଥଳଭାଗ ସ୍ପର୍ଶ କରିଛି ।

## ଇସ୍ରାଏଲ୍ - ମିଲିଟାରୀ ଅପରେସନ୍‌ସ

ଦକ୍ଷିଣ-ପଶ୍ଚିମ ସିରିଆରେ ଗତକାଲି ଆକାଶମାର୍ଗରୁ ଇସ୍ରାଏଲ୍‌ର ଆକ୍ରମଣରେ ହିଜ୍‌ବୁଲ୍ଲାର ଜଣେ ନେତୃସ୍ଥାନୀୟ ସଦସ୍ୟର ମୃତ୍ୟୁ ଘଟିଛି ।

ଇସ୍ରାଏଲ୍ ସେନା ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଇସ୍ରାଏଲ୍ ଅଧିକୃତ ଗୋଲାନ୍ ହାଇଟ୍‌ସର କୁନେତ୍ରା ଅଞ୍ଚଳରେ ହୋଇଥିବା କ୍ଷେପଣାସ୍ତ୍ର ମାଡ଼ ଘଟଣାରେ ହିଜବୁଲ୍ଲାର ଗୋଲାନ୍ ଆତଙ୍କବାଦୀ ନେଟ୍‌ୱାର୍କର ମୁଖ୍ୟ ଭାବେ କାର୍ଯ୍ୟ କରୁଥିବା ଆଧାମ୍ ଜାହୁତ୍ ନିହତ ହୋଇଛି । ଅନ୍ୟପକ୍ଷରେ ସିରିଆ' ଇସ୍ରାଏଲ୍‌ର ଏହି ଆକ୍ରମଣକୁ ନିନ୍ଦା କରିବା ସହ ଏହାକୁ ସାର୍ବଭୌମତ୍ୱ ଓ ଆଞ୍ଚଳିକ ଅଖଣ୍ଡତାର ଉଲ୍ଲଙ୍ଘନ ବୋଲି କହିଛି । ଜାତିସଂଘର ମାନବିକତା ସପକ୍ଷବାଦୀ କହିଛନ୍ତି, ଗତ କିଛିଦିନ ମଧ୍ୟରେ ଇସ୍ରାଏଲ୍' ଗାଜା ଉପତ୍ୟକାର ଉତ୍ତରାଞ୍ଚଳରେ ରହୁଥିବା ୪ ଲକ୍ଷରୁ ଅଧିକ ଲୋକଙ୍କୁ ଦକ୍ଷିଣକୁ ଯିବାକୁ ନିର୍ଦ୍ଦେଶ ଦେଇଛି । ଉତ୍ତରାଞ୍ଚଳରେ ପ୍ରବେଶ କଟକଣାକୁ କଡ଼ାକଡ଼ି କରାଯିବା ସହ ଇସ୍ରାଏଲ୍ ସାମରିକ ଅଭିଯାନକୁ ଅଧିକ ବ୍ୟାପକ କରିବାକୁ ନିର୍ଦ୍ଦେଶ ଦେଇଛି । ଗାଜାର ଉତ୍ତରାଞ୍ଚଳ ସ୍ଥିତିକୁ ନେଇ ଜାତିସଂଘ ମାନବିକ ବ୍ୟାପାର ସମନ୍ୱୟ କାର୍ଯ୍ୟାଳୟ ଚିନ୍ତା ପ୍ରକଟ କରିଛି ।

## ୟୁ.ଏନ୍. - ଏଚ୍.ଆର୍.ସି.

ମିଳିତ ଜାତିସଂଘ ସାଧାରଣ ପରିଷଦର ୨୦୨୫-୨୭ କାର୍ଯ୍ୟକାଳ ପାଇଁ ୪୭ ଜଣିଆ ମାନବାଧିକାର ପରିଷଦକୁ ୧୮ଟି ରାଷ୍ଟ୍ର ନୂତନ ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି । ବେନିନ୍, ବୋଲିଭିଆ, କଲମ୍ବିଆ, ସାଇପ୍ରସ୍, କତାର ଏବଂ ଥାଇଲାଣ୍ଡ ସମେତ ୧୮ଟି ରାଷ୍ଟ୍ର ମତଦାନ ମାଧ୍ୟମରେ ନିର୍ବାଚିତ

ହୋଇଛନ୍ତି । ଆସନ୍ତାବର୍ଷ ଜାନୁୟାରୀ ପହିଲାରୁ ଏହି ନୂତନ ସଦସ୍ୟ ରାଷ୍ଟ୍ରଗୁଡ଼ିକ ପରିଷଦରେ ୩ ବର୍ଷପାଇଁ କାର୍ଯ୍ୟ କରିବେ । ଜେନେଭାସ୍ଥିତ ମାନବାଧିକାର ପରିଷଦ ହେଉଛି ଜାତିସଂଘ ବ୍ୟବସ୍ଥାରେ ଥିବା ଏକ ଆନ୍ତଃସହକାରୀ ସଂସ୍ଥା । ବିଶ୍ୱରେ ମାନବାଧିକାରକୁ ପ୍ରୋତ୍ସାହନ ଏବଂ ସୁରକ୍ଷା କ୍ଷେତ୍ରରେ ଏହି ପରିଷଦ କାର୍ଯ୍ୟ କରିଥାଏ । ପ୍ରତିବର୍ଷ ପରିଷଦ ୪୭ ଜଣ ସଦସ୍ୟଙ୍କ ମଧ୍ୟରୁ ଏକ-ତୃତୀୟାଂଶଙ୍କୁ ପରିବର୍ତ୍ତନ କରାଯାଇଥାଏ । ଫଳରେ ସଦସ୍ୟ ରାଷ୍ଟ୍ରଗୁଡ଼ିକ ନିରନ୍ତର ଭାବେ ତିନି ବର୍ଷର କାର୍ଯ୍ୟକାଳ ପୂରଣ କରନ୍ତି ।

## ଏସ୍.ଏଲ୍. - ଭୋଟିଙ୍ଗ୍ ସିଡ୍ୟୁଲ୍

ଶ୍ରୀଲଙ୍କାର ଆଗାମୀ ସାଧାରଣ ନିର୍ବାଚନ ପାଇଁ ପୋଷ୍ଟାଲ୍ ମତଦାନ କାର୍ଯ୍ୟସୂଚୀ ଜାରି ହୋଇଛି । ନିର୍ବାଚନ ଆୟୋଗଙ୍କ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଆସନ୍ତା ୩୦, ନଭେମ୍ବର ପହିଲା ଓ ୪ ତାରିଖରେ ସମସ୍ତ ଜିଲ୍ଲା ସଚିବାଳୟ ଏବଂ ନିର୍ବାଚନ କାର୍ଯ୍ୟାଳୟରେ ପୋଷ୍ଟାଲ୍ ମତଦାନ ଅନୁଷ୍ଠିତ ହେବ । ତେବେ ଏହି ଧାର୍ଯ୍ୟ ତାରିଖଗୁଡ଼ିକରେ ମତାଧିକାର ସାବ୍ୟସ୍ତ କରିପାରି ନ ଥିବା ଭୋଟରମାନେ ଆସନ୍ତାମାସ ୭ ଏବଂ ୮ ତାରିଖରେ ଭୋଟ୍ ଦେଇପାରିବେ ବୋଲି ଆୟୋଗ ସ୍ପଷ୍ଟ କରିଛନ୍ତି । ପୋଷ୍ଟାଲ୍ ଭୋଟରେ ତାଲିକା ଆସନ୍ତା ୧୬ ତାରିଖ ସୁଦ୍ଧା ଚୂଡ଼ାନ୍ତ ହୋଇ ୨୩ ତାରିଖ ସୁଦ୍ଧା ପ୍ରକାଶ

ପାଇବ । ଏହାପରେ ଡାକଘରକୁ ବାଲାଟ ପେପର ପଠାଯିବ ବୋଲି ଆୟୋଗ କହିଛନ୍ତି । ସୂଚନାଯୋଗ୍ୟ, ସମ୍ପ୍ରତି ଅନୁଷ୍ଠିତ ରାଷ୍ଟ୍ରପତି ନିର୍ବାଚନରେ ପ୍ରାୟ ୬ ଲକ୍ଷ ୯୦ ହଜାର ସରକାରୀ କର୍ମଚାରୀ ପୋଷ୍ଟାଲ୍ ବାଲାଟ୍ ମାଧ୍ୟମରେ ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଥିଲେ । ଆସନ୍ତା ମାସ ୧୪ ତାରିଖ ୨୨୫ ଜଣ ସାଂସଦ ପାଇଁ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ ।

## କାମ୍ରୁନ୍ - ଆକ୍ସିଡେଣ୍ଟ

କାମରୁନ୍‌ର ଦକ୍ଷିଣ ଅଞ୍ଚଳରେ ଏକ ସଡ଼କ ଦୁର୍ଘଟଣାରେ ୧୫ ଜଣଙ୍କର ମୃତ୍ୟୁ ହେବା ସହ ୧୦ ଜଣ ଆହତ ହୋଇଛନ୍ତି । କୋମ୍ବେ ଅଞ୍ଚଳରେ ଗତକାଲି ଏକ ଟ୍ରକ୍ ଓ ଯାତ୍ରୀବାହୀ ବସ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଏହି ଦୁର୍ଘଟଣା ଘଟିଥିଲା । ବସ୍‌ରେ ଚାଳକକୁ ମିଶାଇ ୨୩ ଜଣ ଯାତ୍ରୀ ଥିଲେ । ଅଧିକାଂଶ ଆହତଙ୍କ ଅବସ୍ଥା ଗୁରୁତର ଥିବାରୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇପାରେ ବୋଲି ସ୍ଥାନୀୟ ପୁଲିସ୍ ସୂତ୍ରରୁ ଜଣାପଡ଼ିଛି । କାମରୁନ୍ ପରିବହନ ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ ମଧ୍ୟ-ଆଫ୍ରିକୀୟ ରାଷ୍ଟ୍ରରେ ସଡ଼କ ଦୁର୍ଘଟଣାରେ ପ୍ରତିବର୍ଷ ହାରାହାରି ଦେଢ଼ହଜାର ଲୋକଙ୍କର ମୃତ୍ୟୁ ହୋଇଥାଏ ।

# ଓଡ଼ିଶା – ଦୁର୍ଗାପୂଜା

ଓଡ଼ିଶାରେ ଦୁର୍ଗାପୂଜା ତଥା ଶାରଦୀୟ ଉତ୍ସବ ଅତ୍ୟନ୍ତ ନିଷ୍ଠା ଓ ପାରମ୍ପରିକ ରୀତିନୀତି ସହ ପାଳନ କରାଯାଉଛି । ରାଜ୍ୟର ବିଭିନ୍ନ ଶକ୍ତିପୀଠ ଏବଂ ପୂଜାମଣ୍ଡପଗୁଡ଼ିକରେ ଶ୍ରଦ୍ଧାଳୁ ମା’ ଦୁର୍ଗାଙ୍କ ପୂଜା କରୁଥିବା ଦେଖିବାକୁ ମିଳିଛି । ଅସତ୍ୟର ଉପରେ ସତ୍ୟର ବିଜୟର ପ୍ରତୀକ ଏହି ପର୍ବ ଆସନ୍ତା ରବିବାର ପର୍ଯ୍ୟନ୍ତ ଚାଲିବ । ପୂଜାମଣ୍ଡପଗୁଡ଼ିକୁ ଆକର୍ଷଣୀୟ ଆଲୋକମାଳାରେ ସଜ୍ଜାଯିବା ସହ ମା’ଙ୍କ ପ୍ରତିମୂର୍ତ୍ତି ତଥା ମେଢ଼କୁ ସୁନା ଓ ରୁପା ଅଳଙ୍କାରରେ ସଜା ଯାଇଛି । ଏହି ଉତ୍ସବରେ ସମାଜର ସବୁ ବର୍ଗ ଏବଂ ଧର୍ମର ଲୋକ ସାମିଲ୍ ହୋଇଛନ୍ତି । ଭୁବନେଶ୍ୱର ଏବଂ କଟକ ୩ ଶହରୁ ଅଧିକ ପୂଜାମଣ୍ଡପରେ ମା’ଙ୍କର ପୂଜାର୍ଚ୍ଚନା କରାଯାଉଛି ।

*****